# <u>ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ</u>

## ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା, ସା/ପୋ-ଜମଧର, ଜିଲ୍ଲା: କେନ୍ଦ୍ରାପଡା

## <u>ନିର୍ବାଚନ ବିଜ୍ଞାପନ</u>

ବିଜ୍ଞାପନ ନଂ. ୨୫୮ /ତା ୦୨-୦୪-୨୦୧୬ ରିଖ

ଓଡ଼ିଶା କୃଷିଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନ ଆଇନ-୧୯୫୬, ଧାରା-୬ ଓ ଓଡ଼ିଶା କୃଷିଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନ ନିୟମ-୧୯୫୮ର ଧାରା-୫ (୨)(୩) ଓ ୭ ଓ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଆଦେଶନାମା ନଂ-୪୦୭୬/ ତା୧୫।୦୩।୨୦୧୬ରିଖ ଦ୍ୱାରା କ୍ଷମତା ପ୍ରାପ୍ତ ଆମ୍ଭେ ଶ୍ରୀ ଅଶୋକ କୁମାର ବେହେରା, ଉପ-ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, କେନ୍ଦ୍ରାପଡାଙ୍କ କାର୍ଯ୍ୟାଳୟ ତଥା କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମଟିର ନିର୍ବାଚନ ଅଧିକାରୀ ଘୋଷଣା କରୁଅଛି ଯେ, କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟିର ନୂତନ ପରିଚାଳନା ପରିଷଦର ସଭ୍ୟ / ସଭ୍ୟା ନିର୍ବାଚନ ପାଇଁ ଏବଂ ଏହି ଉପଲକ୍ଷେ (୧) କୃଷକ ନିର୍ବାଚନ ମଣ୍ଡଳୀ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱିକୃତୀ ପ୍ରାପ୍ତ କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର ଅଞ୍ଚଳସ୍ଥ କୃଷକ ସଂଗଠନର ସଭ୍ୟମାନଙ୍କ ଦ୍ୱାରା ୮ଜଣ ଓ (୨) ସ୍ଥାନୀୟ ପ୍ରାଧିକାରୀ ନିର୍ବାଚନ ମଣ୍ଡଳୀ (ଗ୍ରାମପଞ୍ଚାୟତ ଓ ପୌରସଂସ୍ଥା ସମୂହ)ଙ୍କ ଦ୍ୱାରା କେନ୍ଦ୍ରାପଡା ଜିଲ୍ଲାର (ରାଜକନିକା ବ୍ଲକ୍ ବ୍ୟତିତ) ସମସ୍ତ ଗ୍ରାମ ପଞ୍ଚାୟତ ଓ ପୌରସଂସ୍ଥାର (ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ପୌରସଂସ୍ଥାର କାର୍ଯ୍ୟ ନିର୍ବାହୀଙ୍କ ଦ୍ୱାରା ୩ଜଣ ଲେଖାଏଁ ମନୋନୀତ ସଭ୍ୟ) ମାନଙ୍କ ମଧ୍ୟରୁ (୧+୧) ୨ ଜଣ ସଭ୍ୟ ନିର୍ବାଚିତ ହେବେ।

ଏଣୁ କୃଷକ ନିର୍ବାଚନ ମଣ୍ଡଳୀ ପାଇଁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ କେନ୍ଦ୍ରାପଡା ଜିଲ୍ଲାର (ରାଜକନିକା ବ୍ଲକ୍ ବ୍ୟତୀତ) କୃଷକ ସଂଗଠନଗୁଡ଼ିକ, ସେମାନଙ୍କ ସଂଗଠନର ତାଲିକାଭୁକ୍ତ ସମସ୍ତ ସଭ୍ୟମାନଙ୍କର ନାମ, ପିତାଙ୍କ ନାମ, ବୟସ, ଶିକ୍ଷାଗତ ଯୋଗ୍ୟତା ଓ ପୂର୍ଣ୍ଣ ଠିକଣା ସହ ଉକ୍ତ ସଂଗଠନର ସ୍ୱିକୃତୀପ୍ରାପ୍ତ ଆଦେଶନାମାର ପ୍ରମାଣପତ୍ର (କୌଣସି ଉଚ୍ଚ ପାହିୟାର ଗେଜେଟେଡ୍ ଅଧିକାରୀଙ୍କ ଦ୍ୱାରା ସତ୍ୟ ପ୍ରମାଣିତ) ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଇବାକୁ ଅନୁରୋଧ।

ପୁନଶ୍ଚ ସ୍ଥାନୀୟ ପ୍ରାଧିକାରୀ ନିର୍ବାଚନ ମଣ୍ଡଳୀ (ଗ୍ରାମ ପଞ୍ଚାୟତ ଓ ପୌରସଂସ୍ଥା ସମୂହ) ପାଇଁ କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ କେନ୍ଦ୍ରାପଡା ଜିଲ୍ଲାର (ରାଜକନିକା ବ୍ଲକ୍ ବ୍ୟତୀତ) ସମସ୍ତ ପଞ୍ଚାୟତ ଓ ପୌରସଂସ୍ଥା ଗୁଡ଼ିକର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଅନୁରୋଧ କରାଯାଉଅଛି କି ଯେ, ସେମାନେ ସେମାନଙ୍କର ଗ୍ରାମ ପଞ୍ଚାୟତ ଓ ପୌରସଂସ୍ଥାରୁ ୩ଜଣ ଲେଖାଏଁ ସଭ୍ୟଙ୍କ ନାମ ମନୋନୀତ କରି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଇବାକୁ ଅନୁରୋଧ।

ପ୍ରକାଶ ଥାଉକି, ପ୍ରାଥମିକ ଭୋଟର ତାଲିକା ପାଇଁ ଉପରୋକ୍ତ ନାମ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା୨୦।୦୪।୨୦୧୬ରିଖ ଅପରାହ୍ନ ୨ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ। ଉପରୋକ୍ତ ନାମ ତାଲିକା ଧାର୍ଯ୍ୟ ସମୟ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ନପହଞ୍ଚିଲେ ତାହା ଗ୍ରହଣଯୋଗ୍ୟ ହେବନାହିଁ।

ଅଶୋକ କୁମାର ବେହେରା।
*ନିର୍ବାଚନ ଅଧିକାରୀ* ୦୨.୦୪.୧୬
***ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା***

ପରିପତ୍ର ନଂ...୨୫୯(୧୪)../ତା...୦୨-୦୪-୨୦୧୬ ରିଖ

ଏହାର ଏକକିତା ନକଲ, ଜିଲ୍ଲାପାଳ, କେନ୍ଦ୍ରାପଡା / ଉପ-ଜିଲ୍ଲାପାଳ, କେନ୍ଦ୍ରାପଡା / ମଣ୍ଡଳ ଉନ୍ନୟନ ଅଧିକାରୀ, କେନ୍ଦ୍ରାପଡା / ଡେରାବିଶ୍ / ପଟାମୁଣ୍ଡାଇ / ଆଳି/ ରାଜନଗର / ମାର୍ଶାଘାଇ/ ମହାକାଳପଡା / ଗରଦପୁର/ ଜିଲ୍ଲା ଉପ-କୃଷି ନିର୍ଦ୍ଦେଶକ, କେନ୍ଦ୍ରାପଡା / ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡା ଓ ପଟାମୁଣ୍ଡାଇ ପୌରସଂସ୍ଥା/ ସଂପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡାଙ୍କ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶନ ନିମିତ୍ତ ଅନୁରୋଧ କରାଗଲା।

ଅଶୋକ କୁମାର ବେହେରା।
*ନିର୍ବାଚନ ଅଧିକାରୀ* ୦୨.୦୪.୧୬
***ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା***

ପରିପତ୍ର ନଂ...୨୫୩(୨)../ତା...୦୨-୦୪-୨୦୧୬ ରିଖ

ଏହାର ଏକକିତା ନକଲ, ନିର୍ଦ୍ଦେଶକ, ଏଗ୍ରିକଲଚରାଲ ମାର୍କେଟିଂ, ଓଡ଼ିଶା, ଭୁବନେଶ୍ୱର / ଉପ-ସଚିବ, ସମବାୟ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା।

ଅଶୋକ କୁମାର ବେହେରା।
*ନିର୍ବାଚନ ଅଧିକାରୀ* ୦୨.୦୪.୧୬
***ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା***